# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**10 June - 2024**

**News Editor : Tapan Kumar Maharana**

**********************************

## ମୁଖ୍ୟ ସମ୍ବାଦ

- ପି.ଏମ୍ କିଶାନ ସମ୍ମାନନିଧିର ସପ୍ତଦଶ କିସ୍ତି ଅର୍ଥ ପ୍ରଦାନକୁ ଅନୁମୋଦନ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
- ଓଡ଼ିଶା ବିଜେପି ବିଧାୟକ ଦଳ ବୈଠକ ଆସନ୍ତାକାଲି

— ମୁଖ୍ୟମନ୍ତ୍ରୀ ଚୟନ ନେଇ ପର୍ଯ୍ୟବେକ୍ଷକ ଭାବେ ଯୋଗଦେବେ ଦୁଇ କେନ୍ଦ୍ରମନ୍ତ୍ରୀ

- ରାଜ୍ୟରେ ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟା ୪୧କୁ ବୃଦ୍ଧି
- ଶୀତଳଷଷ୍ଠୀ ପାଇଁ ଉତ୍ସବମୁଖର ସମ୍ବଲପୁର

– ଆଜି ଅନୁଷ୍ଠିତ ହେବ ଦେବ ବିବାହ

ଏବଂ

- ରାଜ୍ୟରେ ଆଉ ୪ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜାରି ରହିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ପୂର୍ବାନୁମାନ

# ପିଏମ୍ କିଶାନ ଯୋଜନା

ଦେଶର ପ୍ରଧାନମନ୍ତ୍ରୀ ଭାବେ ତୃତୀୟଥର ଲାଗି ଦାୟିତ୍ୱ ଗ୍ରହଣ କରିବା ପରେ ନରେନ୍ଦ୍ର ମୋଦୀ ଆଜି ପିଏମ୍ କିଶାନ ସମ୍ମାନନିଧି ଅନ୍ତର୍ଗତ ସପ୍ତଦଶ କିସ୍ତି ପ୍ରଦାନ କରିଛନ୍ତି। ଏଥିରେ ୯ କୋଟି ୩୦ ଲକ୍ଷ କୃଷକ ପରିବାରକୁ ୨୦ ହଜାର କୋଟିରୁ ଅଧିକ ଟଙ୍କାର ସହାୟତା ଯୋଗାଇ ଦିଆଯିବ। ପ୍ରଧାନମନ୍ତ୍ରୀ କହିଛନ୍ତି, ତାଙ୍କର ପ୍ରଥମ ନିଷ୍ପତ୍ତି ନୂଆ ସରକାରର କୃଷକମାନଙ୍କ କଲ୍ୟାଣ ଲାଗି ଥିବା ପ୍ରତିବଦ୍ଧତାକୁ ଦର୍ଶାଉଛି। ସେ କହିଛନ୍ତି, ତାଙ୍କ ସରକାର କୃଷକମାନଙ୍କ କଲ୍ୟାଣ ନିମନ୍ତେ ପ୍ରତିଶ୍ରୁତିବଦ୍ଧ ଆଗାମୀ ଦିନରେ କୃଷକ ଏବଂ କୃଷି କ୍ଷେତ୍ରର ବିକାଶ ଲାଗି ଅନେକ ଗୁଡ଼ିଏ ପଦକ୍ଷେପ ନିଆଯିବ।

ସୂଚନାଯୋଗ୍ୟ, ୨୦୧୯ରେ ଆରମ୍ଭ ହୋଇଥିବା ପି.ଏମ୍. କିଶାନ ଯୋଜନା ଜରିଆରେ ପ୍ରତ୍ୟେକ ବର୍ଷ ତିନୋଟି କିସ୍ତିରେ ୬ ହଜାର ଟଙ୍କା ଲେଖାଁ ସହାୟତା ଦିଆଯାଏ। ଆଜି ପର୍ଯ୍ୟନ୍ତ ୧୧ କୋଟିରୁ ଅଧିକ କୃଷକ ପରିବାରକୁ ୩ ଲକ୍ଷ କୋଟିରୁ ଅଧିକ ଟଙ୍କା ସହାୟତା ଯୋଗାଇ ଦିଆଯାଇଛି।

*Desk*

## ନୂତନ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ

ଓଡ଼ିଶାରେ ଆସନ୍ତା ୧୨ ତାରିଖ ବୁଧବାର ଦିନ ନୂଆ ମୁଖ୍ୟମନ୍ତ୍ରୀଙ୍କର ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ। ଅପରାହ୍ନ ୪ଟା ୪୫ ମିନିଟ୍‌ରେ ନୂଆ ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟପାଳ ରଘୁବର ଦାସ ପଦ ଓ ଗୋପନୀୟତାର ଶପଥ ପାଠ କରାଇବେ। ଏ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି, ବିଜେପି ସଂସଦୀୟ ବୋର୍ଡ ନୂଆ ମୁଖ୍ୟମନ୍ତ୍ରୀଙ୍କର ଚୟନ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବ। ୧୧ ତାରିଖରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ନାଁ ଘୋଷଣା କରାଯିବ।

*HS*

## ବିଜେପି ପର୍ଯ୍ୟବେକ୍ଷକ ନିଯୁକ୍ତ

ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ଚୟନ ନେଇ ବିଜେପି ପକ୍ଷରୁ ଦୁଇ ଜଣ ବରିଷ୍ଠ ନେତାଙ୍କୁ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଦିଆଯାଇଛି। କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ଓ ଭୂପିନ୍ଦ୍ର ଯାଦବ ଆସନ୍ତାକାଲି ବିଜେପି ବିଧାୟକ ଦଳ ବୈଠକରେ ଏ ସମ୍ପର୍କରେ ଆଲୋଚନା କରିବେ ବୋଲି ଜଣାପଡ଼ିଛି।

***Desk***

# ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ

ଭୁବନେଶ୍ୱର ଜନତା ମଇଦାନରେ ସ୍ୱତନ୍ତ୍ର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଉତ୍ସବରେ ଯୋଗଦେବେ। ସେହି ଦିନ ଭୁବନେଶ୍ୱରରେ ଏକ ରୋଡ୍ ସୋ'ରେ ପ୍ରଧାନମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶପଥଗ୍ରହଣ ଉତ୍ସବ ଏବଂ ରୋଡ୍ ସୋ'କୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ଲାଗି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି।

ପ୍ରଧାନମନ୍ତ୍ରୀ ଅପରାହ୍ନ ୨ଟା ୧୦ ମିନିଟ୍‌ରେ ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱର ଆନ୍ତର୍ଜାତିକ ବିମାନ ବନ୍ଦରରେ ପହଁଞ୍ଚିବା ପରେ ସେଠାରୁ ରାଜଭବନ ଯିବେ। ରାଜଭବନରୁ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜନତା ମଇଦାନ ଯାଇ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବେ।

ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ଆଜି ପୁଲିସ କମିଶନର ସଞ୍ଜୀବ ପଣ୍ଡାଙ୍କ ଅଧ୍ୟକ୍ଷତାରେ କଟକ-ଭୁବନେଶ୍ୱର ଟ୍ରାଫିକ ପୁଲିସ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଙ୍କ ଏକ ବୈଠକରେ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରାଯାଇଛି। ବୈଠକ ପରେ ପୁଲିସ କମିଶନର ସଞ୍ଜୀବ ପଣ୍ଡା ଗଣମାଧ୍ୟମକୁ କହିଛନ୍ତି,

**- V/O -**

ସୂଚନା ଅନୁଯାୟୀ, ସୁରକ୍ଷା ପାଇଁ ୭୦ ପ୍ଲାଟୁନରୁ ଅଧିକ ପୁଲିସ ଫୋର୍ସ ମୁତୟନ କରାଯିବ। ରୋଡ୍ ସୋ' ପାଇଁ ଜୟଦେବ ବିହାରରୁ ଜନତା ମଇଦାନ ଏବଂ ଏହାର ଆଖପାଖ ଅଞ୍ଚଳକୁ ନୋ ଫ୍ଲାଇଙ୍ଗ ଜୋନ୍ କରାଯିବାକୁ ସ୍ଥିର କରାଯାଇଛି। ଏହା ବ୍ୟତୀତ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ତଲାସୀ ଅଭିଯାନ ଜାରି ରହିଛି।

***HS***

## କେନ୍ଦ୍ରମନ୍ତ୍ରୀଙ୍କ ପୂଜାର୍ଚ୍ଚନା

କେନ୍ଦ୍ରମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ପରେ ଧର୍ମେନ୍ଦ୍ର ପ୍ରଧାନ ଆଜି ସକାଳେ ନୂଆଦିଲ୍ଲୀ ସ୍ଥିତ ହଜ୍‌ଖାସ୍ ଶ୍ରୀଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ଦେଶବାସୀଙ୍କ ସେବା କରିବାର ସୁଯୋଗ ପାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

***HS***

## ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ତୃତୀୟଥର ପାଇଁ ପ୍ରଧାନମନ୍ତ୍ରୀ ହୋଇଥିବାରୁ  ନରେନ୍ଦ୍ର ମୋଦୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏକ ସାମାଜିକ ଗଣମାଧ୍ୟମ ବାର୍ତ୍ତାରେ ଶ୍ରୀ ପଟ୍ଟନାୟକ' ଶ୍ରୀ ମୋଦୀଙ୍କ କାର୍ଯ୍ୟକାଳକୁ ସଫଳ କାର୍ଯ୍ୟକାଳ ବୋଲି ବର୍ଣ୍ଣନା କରିଛନ୍ତି। ଏହାଛଡ଼ା ଓଡ଼ିଶାର ୩ ଜଣ ସାଂସଦ ଧର୍ମେନ୍ଦ୍ର ପ୍ରଧାନ,

ଜୁଏଲ ଓରାମ ଏବଂ ଅଶ୍ୱିନୀ ବୈଷ୍ଣବଙ୍କୁ କ୍ୟାବିନେଟ୍ ପାହ୍ୟା ମିଳିଥିବାରୁ ଶ୍ରୀ ପଟ୍ଟନାୟକ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

***Desk***

## ଅଂଶୁଘାତ ଜନିତ ମୃତ୍ୟୁ

ରାଜ୍ୟରେ ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟା ୪୧କୁ ବୃଦ୍ଧି ପାଇଛି । ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି । ସେ କହିଛନ୍ତି, ଅଂଶୁଘାତ ମୃତ୍ୟୁକୁ ନେଇ ମୋଟ୍ ୧୫୧ଟି ଅଭିଯୋଗ ଆସିଥିଲା । ଏଥିମଧ୍ୟରୁ ୪୧ ଜଣଙ୍କ ମୃତ୍ୟୁ ଅଂଶୁଘାତ ଯୋଗୁଁ ହୋଇଛି । ସେହିଭଳି ୩୭ ଜଣଙ୍କ ମୃତ୍ୟୁ ଅନ୍ୟ କାରଣରୁ ହୋଇଥିବା ସେ କହିଛନ୍ତି । ସେ କହିଛନ୍ତି, ଅନ୍ୟ ୭୩ଟି ମାମଲାର ଯାଞ୍ଚ ଚାଲିଛି । ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ । ଏହି ଘଟଣାରେ କିଛି ମୃତଦେହ ପରିବାର ଲୋକମାନେ ବ୍ୟବଚ୍ଛେଦ ନ କରି ନେଇଯାଇଥିବା ଶ୍ରୀ ମିଶ୍ର କହିଛନ୍ତି । ଗତକାଲି ସୁଦ୍ଧା ଅଂଶୁଘାତରେ ଆକ୍ରାନ୍ତ ହୋଇ ୧୬ ଜଣ ଲୋକ ରାଜ୍ୟର ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବ ଜଣାପଡ଼ିଛି ।

***Desk***

## ଆନ୍ଥ୍ରାକ୍ସ ରୋଗୀ ଚିହ୍ନଟ

କୋରାପୁଟ ଜିଲ୍ଲାରେ ଆନ୍ଥ୍ରାକ୍ସ ରୋଗ ବ୍ୟାପୁଥିବା ଜଣାପଡ଼ିଛି । ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି, କୋରାପୁଟର ଲକ୍ଷ୍ମୀପୁର ଓ ଦଶମନ୍ତପୁରରେ ଆନ୍ଥ୍ରାକ୍ସ ରୋଗ ଚିହ୍ନଟ ହୋଇଛି । ଏ ପର୍ଯ୍ୟନ୍ତ ୧୧ଟି

ମାମଲାରୁ ଦୁଇ ଜଣ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ସ୍ପଷ୍ଟ ହୋଇଛି। ରିପୋର୍ଟ ଆସିବା ପରେ ଅନ୍ୟମାନେ ଏଥିରେ ଆକ୍ରାନ୍ତ କି ନୁହେଁ, ତାହା ଜଣାପଡ଼ିବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ତେବେ ଆକ୍ରାନ୍ତମାନଙ୍କ ଅବସ୍ଥା ସ୍ଥିର ରହିଛି। ସ୍ୱାସ୍ଥ୍ୟ ବିଭାଗର ଏକ ର୍ୟାପିଡ୍ ଆକ୍ସନ ଟିମ୍ ସ୍ୱାସ୍ଥ୍ୟ ଯାଞ୍ଚ କରୁଥିବା ଜଣାପଡ଼ିଛି।

***Ganjam/BHK/HS***

## ଶୀତଳ ଷଷ୍ଠୀ

ଶୀତଳ ଷଷ୍ଠୀ ପାଇଁ ସମ୍ବଲପୁର ଉତ୍ସବମୁଖର ହୋଇଛି। ଆଜି ଶିବ ବିବାହ ଉତ୍ସବ ଅନୁଷ୍ଠିତ ହେଉଥିବାରୁ ବର ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ବାହାରିବେ ଦେବ ଦେବ ମହାଦେବ । ଗତକାଲି ବିଭିନ୍ନ ପଡ଼ାରେ ଦେବ ନିମନ୍ତ୍ରଣ କାର୍ଯ୍ୟ ଶେଷ ହୋଇଛି ।

ଦେବ ଦେବ ମହାଦେବ ଏବଂ ଦେବୀ ପାର୍ବତୀଙ୍କ ବିବାହ ପାଇଁ ପତରପେଣ୍ଡି ବା ନିର୍ବନ୍ଧ ଏବଂ ଗୁଆଗୁଣ୍ଡା ବା ନିୟୁତା ବିଧି ଗତକାଲି ସମ୍ପନ୍ନ ହୋଇଥିଲା। ଆଜି ସୋମବାର ଜ୍ୟେଷ୍ଠ ଶୁକ୍ଳ ପକ୍ଷ ପଂଚମୀ ତିଥିରେ ମହାଦେବ-ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହେବ। ଏଥିପାଇଁ ଶିବାଳୟମାନଙ୍କରେ ବ୍ୟାପକ ପ୍ରସ୍ତୁତି ଚାଲିଛି। ପାର୍ବତୀଙ୍କ କନ୍ୟାପକ୍ଷ ଭୂମିକାରେ ଥିବା ଦମ୍ପତିମାନେ ବରବେଶରେ ମହାଦେବଙ୍କୁ ସ୍ୱାଗତ କରିବା ପାଇଁ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ସମ୍ପୂର୍ଣ୍ଣ ଭାବରେ ଲୋକାଚାର ଓ

ବୈଦିକ ରୀତିନୀତିରେ ହେବାକୁ ଥିବା ଦେବ ବିବାହ ପାଇଁ କନ୍ୟାପକ୍ଷ ନିଜର ଜ୍ଞାତି ପରିଜନଙ୍କୁ ନିମନ୍ତ୍ରଣ କରିଥିବା ବେଳେ ବିବାହ ପରେ ପ୍ରଦାନ କରିବା ପାଇଁ ଯାହା କିଛି ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ସଂଗ୍ରହ କରିସାରିଛନ୍ତି। ଶିବାଳୟରେ ଭୋଳାନାଥ ବରବେଶରେ ବାହାରିବା ପୂର୍ବରୁ ଅଭିଷେକ ହେବେ। ସେହିଭଳି ସୋମବାର ମଧ୍ୟାହ୍ନରେ ଗଇଁଣ୍ଠାଳ ଫିଟା ନୀତି ଉତାରୁ ଏ ବର୍ଷର କନ୍ୟା ପିତାମାତା ପରିବାର ପାର୍ବତୀଙ୍କୁ ନିଜ ନିଜ ବାସଭବନକୁ ନେଇଛନ୍ତି। ସେଠାରେ ଦେବୀ ପାର୍ବତୀଙ୍କ ସ୍ୱତନ୍ତ୍ର ବେଶ କରାଯିବ। ଦେବ ବିବାହ ଓ ଯାତ୍ରା ପାଇଁ ସମସ୍ତ ନୀତିକାନ୍ତି ଓ ବିଧିବିଧାନ ନିର୍ବାହ କରାଯିବ।

ଭଦ୍ରକ ଜିଲ୍ଲା ଆରଡ଼ିର ପ୍ରସିଦ୍ଧ ବାବା ଆଖଣ୍ଡଳମଣିଙ୍କ ପୀଠରେ ଆସନ୍ତାକାଲି ଶିବ ବିବାହ ଉତ୍ସବ ଅନୁଷ୍ଠିତ ହେବ। ବୈଦିକ ରୀତିନୀତିରେ ବର ଓ କନ୍ୟା ପିତାଙ୍କ ପକ୍ଷରୁ ଦେବ ଦମ୍ପତ୍ତିଙ୍କ ମଙ୍ଗଳପାକ ନୀତି ସମ୍ପନ୍ନ ହୋଇଛି। ସେହିପରି ଗଞ୍ଜାମ ଜିଲ୍ଲାର ଧରାକୋଟ ଠାରେ ପାରମ୍ପରିକ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ମହାସମାରୋହରେ ପାଳିତ ହେଉଛି। ସେଠାରେ ଶିବ-ପାର୍ବତୀଙ୍କ ମଧ୍ୟରେ ବିବାହ ଅନୁଷ୍ଠିତ ହେବାପରେ ଆସନ୍ତାକାଲି ନଗର ପରିକ୍ରମା କାର୍ଯ୍ୟକ୍ରମ ରହିଛି।

*Desk*

# ଗାଡ଼ି ଜବତ

ଟ୍ରାଫିକ ନିୟମ ଉଲ୍ଲଘଂନ ଅଭିଯୋଗରେ କମିଶନରେଟ୍ ପୁଲିସ ୨୧୭ଟି ଗାଡ଼ି ଜବତ କରିଛି। ଗତ ଦୁଇ ଦିନ ମଧ୍ୟରେ ଭୁବନେଶ୍ୱରରେ ଏହି ଯାଞ୍ଚ ସମୟରେ ମଦ୍ୟପାନ କରି ଗାଡ଼ିଚାଳନା କରିବା ଏବଂ ଗାଡ଼ି ଚାଳନା ସମୟରେ ମୋବାଇଲ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗାଡ଼ିଚାଳନା ସମୟରେ ମଦ୍ୟପାନ କରିଥିବା ଅଭିଯୋଗରେ ୧୦୫ଟି, ଭୁଲ ଦିଗରେ ଗାଡ଼ିଚାଳନା ଅଭିଯୋଗରେ ୧୨୭ଟି ଏବଂ ମୋବାଇଲ୍ ଫୋନ୍ ବ୍ୟବହାର ଅଭିଯୋଗରେ ୨୨ଟି ଗାଡ଼ି ଜବତ କରାଯିବା ସହ ମାମଲା ରୁଜୁ କରାଯାଇଛି।

*Desk*

# ରାଜ୍ୟ ମହିଳା ଚେସ୍

ନିଖିଳ ଓଡ଼ିଶା ଚେସ୍ ସଂଘ ପକ୍ଷରୁ ଆସନ୍ତାକାଲିଠାରୁ ୧୩ ତାରିଖ ପର୍ଯ୍ୟନ୍ତ ରାଜ୍ୟ ମହିଳା ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଖେଳାଳିମାନଙ୍କୁ ଜାତୀୟ ପ୍ରତିଯୋଗିତା ଲାଗି ଚୟନ କରାଯିବ ବୋଲି ଜଣାପଡ଼ିଛି।

*Desk*

## କଳାହାଣ୍ଡି କପ୍

କଳାହାଣ୍ଡି କପ୍‌ର ସୁପରଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ପୂର୍ବତଟ ରେଳବାଇ ଓଡ଼ିଶା-ସି, ଭୁବନେଶ୍ୱର-ଏ ଓ ବାଲେଶ୍ୱର ବିଜୟୀ ହୋଇଛନ୍ତି। ବାରବାଟୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ପୂର୍ବତଟ ରେଳବାଇ ୯୨ ରନ୍‌ରେ ନୟାଗଡ଼କୁ ପରାସ୍ତ କରିଛି। ସେହିପରି ସନ୍‌ସାଇନ୍ ପଡ଼ିଆରେ ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ସି' କଟକ-ଏ'କୁ ୬ୱିକେଟ୍‌ରେ ପରାସ୍ତ କରିଥିବା ବେଳେ ରେଭେନ୍ସା ଖେଳ ପଡ଼ିଆରେ ଭୁବନେଶ୍ୱର-ଏ' ଦୁଇ ୱିକେଟ୍‌ରେ ଭଦ୍ରକକୁ ପରାସ୍ତ କରିଛି। ଡ୍ରିମ୍ସ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ବାଲେଶ୍ୱର ୯ ରନ୍‌ରେ ଓଡ଼ିଶା-ଡି'କୁ ପରାସ୍ତ କରିଛି।

*Desk*

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରାବହ ଜାରି ରହିଛି। ପଶ୍ଚିମ ଓଡ଼ିଶାରେ ପ୍ରବଳ ତାତି ସହ ଉପକୂଳ ଓଡ଼ିଶାରେ ଗୁଳୁଗୁଳି ଅନୁଭୂତ ହେଉଛି। ଆସନ୍ତା ୪ ଦିନ ଯାଏଁ ଏହିଭଳି ସ୍ଥିତି ଲାଗି ରହିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ଆଜି ଗ୍ରୀଷ୍ମ ପ୍ରବାହ ନେଇ ୧୧ଟି ଜିଲ୍ଲାକୁ ସତର୍କତା ଜାରି କରାଯାଇଛି। ସେହି ଜିଲ୍ଲାଗୁଡ଼ିକ ହେଉଛି, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର,

ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି । ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀ ଜନିତ ବର୍ଷା ହେବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାରେ ପ୍ରବେଶ କରିସାରିଛି । ମୌସୁମୀ ବାୟୁ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନ ସ୍ପର୍ଶ କରିଥିବା ବେଳେ ଆଗାମୀ ଦିନରେ ସମଗ୍ର ରାଜ୍ୟରେ ପ୍ରବେଶ କରିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

ଗତ ୨୪ଘଣ୍ଟା ମଧ୍ୟରେ କୋରାପୁଟ ଜିଲ୍ଲା ଲମତାପୁଟରେ ସର୍ବାଧିକ ୩୦ ଦଶମିକ ୨ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି ।

******************************